# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 06th November - 2025

***********************************

*GNR*

## ବିହାର ବିଧାନସଭା ନିର୍ବାଚନ

ବିହାର ବିଧାନସଭା ନିର୍ବାଚନପାଇଁ ଆଜି ପ୍ରଥମ ପର୍ଯ୍ୟାୟ ଭୋଟ୍‌ଗ୍ରହଣ ଆରମ୍ଭ ହୋଇଛି । ଏହି ପର୍ଯ୍ୟାୟରେ ବିହାରର ୧୮ଟି ଜିଲ୍ଲାର ୧୨୧ଟି ଆସନପାଇଁ ମତଦାନ ହେଉଛି । ଏହି ଆସନଗୁଡ଼ିକରେ ୧ ହଜାର ୩୧୪ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିବାବେଳେ ୩ କୋଟି ୭୫ ଲକ୍ଷରୁ ଅଧିକ ମତଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରୁଛନ୍ତି । ସକାଳ ୭ଟାରୁ ଅପରାହ୍ଣ ୬ଟା ପର୍ଯ୍ୟନ୍ତ ଭୋଟ୍‌ଗ୍ରହଣ ଜାରି ରହିବ ବୋଲି ନିର୍ବାଚନ ଆୟୋଗ ସୂଚନା ଦେଇଛନ୍ତି ।

*Nuapada/R*

## ମୁଖ୍ୟମନ୍ତ୍ରୀ - ନୂଆପଡ଼ା

ନୂଆପଡ଼ା ଉପନିର୍ବାଚନପାଇଁ ପ୍ରଚାର କାର୍ଯ୍ୟ ଜାରି ରହିଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ନୂଆପଡ଼ାରେ ନିର୍ବାଚନୀ ପ୍ରଚାର କରିବେ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି । ମୁଖ୍ୟମନ୍ତ୍ରୀ ଉଦ୍ୟନବନ୍ଧ ଓ କୋମନାଠାରେ

ପ୍ରଚାର କରିବେ । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ସହ ଛତିଶଗଡ଼ର ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ମଧ୍ୟ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବେ ।

***Cuttack/R***

# ମୁଖ୍ୟମନ୍ତ୍ରୀ – ବାଲିଯାତ୍ରା

କଟକ ମହାନଦୀ ତଟ ସୌନ୍ଦର୍ଯ୍ୟକରଣ ପାଇଁ ୨ ଶହ କୋଟି ଟଙ୍କା ବ୍ୟୟ କରାଯିବ । ଏଥିସହ କଟକକୁ ତାରକସୀ ପେଣ୍ଠସ୍ଥଳୀରେ ପରିଣତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଗତକାଲି ସନ୍ଧ୍ୟାରେ ଐତିହାସିକ ବାଲିଯାତ୍ରା, କଟକ-୨୦୨୫କୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ବାଲିଯାତ୍ରା ହେଉଛି ଓଡ଼ିଆ ଜାତିର ଗୌରବ, ସାହସ ଓ ବାଣିଜ୍ୟିକ ଐତିହ୍ୟର ଜୀବନ୍ତ ସ୍ମୃତି ।

***Voice (CM)*** :...........

ବାଲିଯାତ୍ରା ଆୟୋଜନପାଇଁ ପୂର୍ବରୁ ୨ କୋଟି ଟଙ୍କା ସରକାରୀ ଅନୁଦାନ ମିଳିଥିବାବେଳେ ଚଳିତବର୍ଷଠାରୁ ଏହାକୁ ୧୦ କୋଟି ଟଙ୍କାକୁ ବୃଦ୍ଧି କରାଯାଇଥିବା ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି ।

***BBSR/R***

# ରାଜ୍ୟପାଳ – ଭାଗବତ ଉତ୍ସବ

ଶ୍ରୀଗୁରୁ ଭାଗବତ ଆଧ୍ୟାତ୍ମିକ ସାହିତ୍ୟ ଜଗତରେ ଏକ ସ୍ଥାୟୀ ଆଲୋକ ପଥ ବୋଲି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍ପାଟି କହିଛନ୍ତି ।

ଭୁବନେଶ୍ୱରରେ ଆୟୋଜିତ ଶ୍ରୀଗୁରୁ ଭାଗବତ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟପାଳ କହିଛନ୍ତି, ଗୁରୁ ଭାଗବତ କେବଳ ଶ୍ଳୋକର ସଂଗ୍ରହ ନୁହେଁ, ଆଧ୍ୟାତ୍ମିକ ଜାଗରଣର ଜୀବନ୍ତ ସ୍ପନ୍ଦନ, ଜ୍ଞାନକୁ ସାକାର, ସାଧକକୁ ଦିବ୍ୟ କରିବା ସହିତ ଏକତ୍ର କରୁଥିବାର ଏକ ସେତୁ । ଏହା ଗୁରୁ-ଶିଷ୍ୟ, ପିତାମାତା, ସନ୍ତାନ, ମାନବତା ଓ ପ୍ରକୃତି ମଧ୍ୟରେ ଥିବା ସମ୍ପର୍କର ପବିତ୍ରତାକୁ ପୁନଃ ନିର୍ମାଣ କରେ ବୋଲି ରାଜ୍ୟପାଳ କହିଛନ୍ତି ।

*Desk*

## ଇଣ୍ଡିଆନ୍ ରୋଡ୍ କଂଗ୍ରେସ

ଭୁବନେଶ୍ୱରସ୍ଥିତ ଜନତା ମଇଦାନଠାରେ ଚାରିଦିବସୀୟ ୮୪ତମ ଇଣ୍ଡିଆନ୍ ରୋଡ୍ କଂଗ୍ରେସ ଅସନ୍ତାକାଲିଠାରୁ ଆରମ୍ଭ ହେବ । କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ ଏହାର ଶୁଭାରମ୍ଭ କରିବେ । ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାମିଲ୍ ହେବାର କାର୍ଯ୍ୟସୂଚୀ ରହିଛି । ରାଜପଥ ନିର୍ମାଣ ଯନ୍ତ୍ରୀ, ଯୋଜନାକାରୀ, ନୀତି ନିର୍ଦ୍ଧାରକ ଏବଂ ନବନିର୍ମାତାମାନଙ୍କ ପାଇଁ ଏହି କାର୍ଯ୍ୟକ୍ରମ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି ରାଜ୍ୟ ନିର୍ମାଣ ବିଭାଗ ପକ୍ଷରୁ କୁହାଯାଇଛି ।

*Desk*

## ବନ୍ଦେ ମାତରମ୍

ରାଷ୍ଟ୍ରଗୀତ "ବନ୍ଦେ ମାତରମ୍"କୁ ଆସନ୍ତାକାଲି ୧୫୦ ବର୍ଷ ପୂରଣ ହେବାକୁ ଯାଉଛି । ଦେଶର ଯୁବବର୍ଗଙ୍କ ମଧ୍ୟରେ ଦେଶପ୍ରେମର ଭାବନାକୁ ଉଜ୍ଜୀବିତ ରଖିବା ଉଦ୍ଦେଶ୍ୟରେ ଆସନ୍ତାକାଲି ଦେଶର ୧୫୦ଟି ସ୍ଥାନରେ ଏହି ଗୀତର ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହିକ୍ରମରେ ରାଜ୍ୟର ଭୁବନେଶ୍ୱର, ବ୍ରହ୍ମପୁର, ବାଲେଶ୍ୱର, କେନ୍ଦୁଝର ଏବଂ ରାଉରକେଲାରେ ମଧ୍ୟ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି । ସୂଚନା ଅନୁସାରେ ବଙ୍କୀମ୍ ଚନ୍ଦ୍ର ଚାଟ୍ଟାର୍ଜୀ ୧୮୭୫ ମସିହାରେ "ବନ୍ଦେ ମାତରମ୍" ଗୀତର ରଚନା କରିଥିଲେ ।

*Desk*

## ଥାନା ଅଧିକାରୀ କର୍ମଶାଳା

ଭୁବନେଶ୍ୱରସ୍ଥିତ ପୁଲିସ୍ ଭବନଠାରେ ଓଡ଼ିଶା ପୁଲିସ, ରେଳବାଇ ଓ ଉପକୂଳ ସୁରକ୍ଷା ଆନୁକୂଲ୍ୟରେ ସରକାରୀ ରେଳବାଇ ଓ ସାମୁଦ୍ରିକ ଥାନା ଅଧିକାରୀଙ୍କ ନିମନ୍ତେ ଆଜି ପୂର୍ବାହ୍ନରେ ଏକ କର୍ମଶାଳା ଅନୁଷ୍ଠିତ ହେବ । ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ମୁଖ୍ୟ ଅତିଥି ଭାବେ କାର୍ଯ୍ୟକ୍ରମରେ ଯୋଗଦେବେ ।

*Bhadrak/R*

## ଆର୍ଥିକ ସାକ୍ଷରତା ଶିବିର

ଭଦ୍ରକ ଜିଲ୍ଲା ପ୍ରଶାସନ ପକ୍ଷରୁ ଗରଦପୁର ଗାନ୍ଧି ଓଡ଼ିଶା ବାଳାଶ୍ରମରେ ଆର୍ଥିକ ସାକ୍ଷରତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲା ଡାକ ବିଭାଗ ବରିଷ୍ଠ ଅଧିକାରୀମାନେ ଯୋଗଦେଇ ଆର୍ଥିକ ସାକ୍ଷରତା, ଆର୍ଥିକ ଅନ୍ତର୍ଭୁକ୍ତୀକରଣର ବିଭିନ୍ନ ପ୍ରସଙ୍ଗ ଉପରେ ଅନ୍ତେବାସୀଙ୍କୁ ସଚେତନ କରାଇଥିଲେ ।

*Bhadrak/R*

## ସେବାଯୋଜନା ଶିବିର

ଭଦ୍ରକ ଜିଲ୍ଲା ଧାମରାଇ ଉଚ୍ଚ ମାଧମିକ ବିଦ୍ୟାଳୟରେ ଜାତୀୟ ସେବା ଯୋଜନା ସ୍ୱତନ୍ତ୍ର ଶିବିର ଅନୁଷ୍ଠିତ ହୋଇଯାଇଛି । ଧାମରା ଅଞ୍ଚଳରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଆୟୋଜିତ ହେବା ସହ ଏକ ସଚେତନତା ଶୋଭାଯାତ୍ରା ନଗର ପରିକ୍ରମା କରିଥିଲା । ଏହି ଅବସରରେ ଚାରାରୋପଣ କରାଯାଇଥିଲା ।

*Sonepur/R*

## ସ୍ୱର୍ଣ୍ଣପ୍ରୟାଗ ସଙ୍ଗମ ଆଳତି

ସୁବର୍ଣ୍ଣପୁର ସ୍ୱର୍ଣ୍ଣପ୍ରୟାଗ ଘାଟରେ ସଙ୍ଗମ ଆଳତି ହୋଇଯାଇଛି । ଜିଲ୍ଲାପାଳ ନୃପରାଜ ସାହୁ ଯୋଗଦେଇ ସୁବର୍ଣ୍ଣପୁରର ସଂସ୍କୃତି ଓ ଐତିହ୍ୟ

ସମ୍ପର୍କରେ ଆଲୋକପାତ କରିଥିଲେ । ଏଥିସହ ନଦୀର ସୁରକ୍ଷା ଉପରେ ଗୁରୁତ୍ୱାରୋପ କରାଯାଇଥିଲା ।

***Desk***

# ପାଣିପାଗ

ପଶ୍ଚିମାଝଡ଼ର ପ୍ରଭାବରେ ଉତ୍ତର-ପଶ୍ଚିମ ଦିଗରୁ ଶୁଷ୍କବାୟୁ ପ୍ରବେଶ କରୁଥିବାରୁ ରାଜ୍ୟର ବିଭିନ୍ନ ସ୍ଥାନରେ ରାତିର ତାପମାତ୍ରା ହ୍ରାସ ପାଇବା ସହ ଶୀତ ବୃଦ୍ଧି ପାଉଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୩ ଦିନ ମଧ୍ୟରେ ରାତିର ସର୍ବନିମ୍ନ ତାପମାତ୍ରା ୨ରୁ ୩ ଡିଗ୍ରୀ ସେଲ୍‌ସିୟସ୍ ପର୍ଯ୍ୟନ୍ତ ହ୍ରାସ ପାଇବାର ସମ୍ଭାବନା ରହିଛି । ଫୁଲବାଣୀଠାରେ ରାତି ତାପମାତ୍ରା ୧୨ ଦଶମିକ ୫ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ଼ କରାଯାଇଥିଲା ।

*****